ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ମୁଖ୍ୟ ଶାସନ ସଚିବ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କରୋନା ଭୂତାଣୁ ନିୟନ୍ତ୍ରଣ ଓ ପ୍ରତିରୋଧ ସଂପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କ ସହ ଆଲୋଚନା କଲେ

## କରୋନା ଭୂତାଣୁ ନିୟନ୍ତ୍ରଣ ଓ ଚିକିତ୍ସା ଦିଗରେ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ

ଭୁବନେଶ୍ୱର, ତା. ୦୧/୦୨/୨୦୨୦

ନଭେଲ କରୋନା ଭୂତାଣୁ ସଂକ୍ରମଣ, ନିୟନ୍ତ୍ରଣ ଓ ପ୍ରତିରୋଧ ସଂପର୍କରେ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସଂକ୍ରମଣ ନିୟନ୍ତ୍ରଣ ଓ ଚିକିତ୍ସା ସ୍ଥିତି ସମୀକ୍ଷା କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିବା ପାଇଁ ବିଭାଗ ପ୍ରସ୍ତୁତ ଓ ସଜାଗ ରହିଛି ।

ଏହି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟ ଶାସନ ସଚିବ ପାରାଦ୍ୱୀପ, କନ୍ଧମାଳ ଓ ଝାରସୁଗୁଡ଼ାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଥିଲେ । ପାରାଦ୍ୱୀପ ବନ୍ଦର ଦେଇ ଚୀନ୍‌ରୁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଥମେ ଥର୍ମାଲ୍ ସ୍କ୍ରିନିଂ କରାଯାଉଛି । ସେହିପରି ବନ୍ଦର ପରିସରରେ ଥିବା ଡାକ୍ତରଖାନାରେ ଆଇସୋଲେସନ୍ ୱାର୍ଡ ଖୋଲାଯିବା ସହ ଚୀନ୍‌ରୁ ଆସୁଥିବା ଜାହାଜକୁ ଏବେ ବନ୍ଦର ମଧ୍ୟରେ ପ୍ରବେଶ କରିବାକୁ ବାରଣ କରାଯାଇଛି ।

ସେହିପରି କନ୍ଧମାଳଠାରେ ଚୀନ୍‌ରେ ପାଠପଢୁଥିବା ଡାକ୍ତରୀ ଛାତ୍ରଙ୍କଠାରେ କରୋନା ଭୂତାଣୁ ସଂକ୍ରମଣ ଲକ୍ଷଣ ଦେଖାଯିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ୍‌କୁ ପଠାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀ କୌଣସି ପ୍ରକାର ଆତଙ୍କିତ ନହେବା ପାଇଁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ସଚେତନତାର ବାର୍ତ୍ତା ଦିଆଯାଇଛି । ସେହିପରି ଝାରସୁଗୁଡ଼ାଠାରେ ବିମାନବନ୍ଦର ଥିବାରୁ ଓ ବେଦାନ୍ତ କମ୍ପାନୀରେ ଚୀନ୍‌ର ନାଗରିକ କାର୍ଯ୍ୟରତ ଥିବାରୁ ସେଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଆଇସୋଲେସନ୍ ୱାର୍ଡ ଖୋଲାଯାଇଛି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଲେ ଯେ, ଜିଲ୍ଲାସ୍ତରରେ କରୋନା ଭୂତାଣୁ ସଂକ୍ରମଣ, ନିୟନ୍ତ୍ରଣ ଓ ପ୍ରତିରୋଧ ଦିଗରେ ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ଉଚିତ୍ । ସିଡିଏମ୍‌ଓମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଓ ଆଡ୍‌ଭାଇଜରୀ ଅନୁସାରେ ପଦକ୍ଷେପ ଗ୍ରହଣ କରନ୍ତୁ, ଜନସାଧାରଣ ଅଯଥାରେ ଆତଙ୍କିତ ନହେବା ସହ ପ୍ରତିଷେଧାତ୍ମକ ବ୍ୟବସ୍ଥା ଗ୍ରହଣ କରିବା ଦିଗରେ ଜନସଚେତନତା ସୃଷ୍ଟି କରନ୍ତୁ । ଏବେ ଫ୍ଲୁ ଋତୁ ଆରମ୍ଭ ହୋଇଛି । ଏହି ସମୟରେ ସାଧାରଣ ଫ୍ଲୁର ଲକ୍ଷଣ ଦେଖାଯାଇଥାଏ । ଏହାର ଚିକିତ୍ସା କରନ୍ତୁ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ

ଏକ ଜରୁରୀକାଳୀନ ଫୋନ୍ ନଂ ଜାରି କରାଯିବା ଉଚିତ । ଆବଶ୍ୟକ ସମୟରେ ଜନସାଧାରଣ ଏହି ନମ୍ବରରେ ଯୋଗାଯୋଗ କରିପାରିବେ ।

ଏହି ଭିଡ଼ିଓ କନ୍‌ଫରେନ୍ସିଂରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅଜିତ୍ କୁମାର ମହାନ୍ତି ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭୂତି ନାୟକ
ସୂଚନା ଅଧିକାରୀ